www.prepp.in

Prepp
Your Personal Exams Guide





# ODIA (PAPER—II)

## ( LITERATURE )

| Time Allowed : Three Hours | Maximum Marks : 250 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

---

# ଓଡ଼ିଆ

## (ପତ୍ର—II)

## ( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣସଂଖ୍ୟା : 250 |
|---|---|

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ ଆଠୋଟି ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର ଓଡ଼ିଆରେ ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପ ଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ।

ସ୍ପଷ୍ଟରୂପେ କଟାଯାଇ ନଥିଲେ, ଆଂଶିକ ଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ।

ଉତ୍ତର ପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

www.prepp.in

Prepp
Your Personal Exams Guide

## SECTION—A

**1.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 10×5=50

(*a*) ମହାଭାରତର ଶାନ୍ତିପର୍ବରେ ଭୀଷ୍ମଙ୍କ ଦ୍ୱାରା ପ୍ରଦତ୍ତ ନୀତିବାକ୍ୟଗୁଡ଼ିକୁ ବିଶ୍ଳେଷଣ କର। 10

(*b*) ପିଙ୍ଗଳା ଉପାଖ୍ୟାନର ସାରବତ୍ତା ପଠିତ କବିତା ଭିତ୍ତିରେ ବିଚାର କର। 10

(*c*) ''କଲ୍ଲୋଳେ ପଦଲାଳିତ୍ୟମ୍'' ଉକ୍ତିଟି ରସକଲ୍ଲୋଳ ନିମନ୍ତେ କେତେଦୂର ପ୍ରଯୁଜ୍ୟ, ଆଲୋଚନା କର। 10

(*d*) 'ଚନ୍ଦ୍ରଭାଗା'ରେ ରାଧାନାଥଙ୍କ ସୌନ୍ଦର୍ଯ୍ୟବୋଧର ପରାକାଷ୍ଠା ନିରୂପଣ କର। 10

(*e*) ସଚ୍ଚି ରାଉତରାୟଙ୍କ 'କବିତା ୧୯୬୨'ରେ ଆଧୁନିକ ମଣିଷର ଜୀବନବୋଧର ସ୍ୱରୂପ ନିରୂପଣ କର। 10

**2.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(*a*) କଥାବସ୍ତୁ ସଂଯୋଜନା ଓ ଚରିତ୍ର ଚିତ୍ରଣ କ୍ଷେତ୍ରରେ ସାରଳାଦାସଙ୍କ ବୈଶିଷ୍ଟ୍ୟ ଶାନ୍ତିପର୍ବ ଆଧାରରେ ସମୀକ୍ଷା କର। 20

(*b*) ଓଡ଼ିଆଙ୍କ ଆଧ୍ୟାତ୍ମିକ ତଥା ସାଂସ୍କୃତିକ ଜୀବନର ବିକାଶରେ ଭାଗବତର ଦାନ ଅତୁଳନୀୟ—ଯଦୁ ଅବଧୂତ ସମ୍ବାଦ ଅବଲମ୍ବନରେ ପ୍ରମାଣ କର। 15

(*c*) ଲାବଣ୍ୟବତୀରେ ନଗର ବର୍ଣ୍ଣନାର ବୈଚିତ୍ର୍ୟ ପ୍ରତିପାଦନ କର। 15

**3.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(*a*) ରସକଲ୍ଲୋଳରେ ଦୀନକୃଷ୍ଣଙ୍କ କାବ୍ୟାଦର୍ଶର ସ୍ୱାତନ୍ତ୍ର୍ୟ ପଠିତାଂଶ ଦ୍ୱାରା ବିବେଚନା କର। 20

(*b*) ପାରମ୍ପରିକ କାବ୍ୟ ରଚନା କ୍ଷେତ୍ରରେ ରାଧାନାଥଙ୍କ ଚନ୍ଦ୍ରଭାଗା ଏକ ଅଭିନବ ପ୍ରୟାସ—ବିଶ୍ଳେଷଣ କର। 15

(*c*) 'ଜୀବନ ଚିତା' ହେଉଛି ମାନସିଂହଙ୍କ ଜୀବନବୋଧର ପ୍ରତିଲିପି—ପ୍ରତିପାଦନ କର। 15

**4.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(*a*) ସଚ୍ଚି ରାଉତରାୟଙ୍କ କବିତାର ଇତିହାସ ହିଁ ସାମ୍ପ୍ରତିକ ଓଡ଼ିଆ କବିତାର ଇତିହାସ—'କବିତା ୧୯୬୨' ଅବଲମ୍ବନରେ ବିଚାର କର। 20

(*b*) ନିଜ ଅଭିମାନକୁ ଭଗବାନଙ୍କ ନିକଟରେ ପ୍ରକାଶ କରିବାରେ ମାନସିଂହଙ୍କ ପ୍ରଚେଷ୍ଟା ସ୍ମରଣୀୟ—'ଜୀବନ ଚିତା' ଅବଲମ୍ବନରେ ଆକଳନ କର। 15

(*c*) 'ସପ୍ତମ ଋତୁ'ର ରସସୌନ୍ଦର୍ଯ୍ୟ ଓ ମୃତ୍ୟୁଚେତନାର ମୂଲ୍ୟାଙ୍କନ କର। 15

www.prepp.in

Prepp
Your Personal Exams Guide

## SECTION—B

**5.** ନିମ୍ନପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 10×5=50

(a) 'କାଠଘୋଡ଼ା' ନାଟକର ନାଟ୍ୟଶୈଳୀର ମୂଲ୍ୟାଙ୍କନ କର। 10

(b) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ନାରୀଚରିତ୍ରର ବୈଚିତ୍ର୍ୟ ସମ୍ପର୍କରେ ଆଲୋକପାତ କର। 10

(c) ଉଚ୍ଚାଭିଳାଷୀ ଚାକିରିଆ ଜୀବନରେ ଉପରକୁ ଉଠିବାର ଗୋପନ ସୂତ୍ରଗୁଡ଼ିକୁ ନିଖୁଣଭାବେ ପରିବେଷଣ କରିବାରେ ଗୋପୀନାଥଙ୍କ ସିଦ୍ଧହସ୍ତତା ପ୍ରମାଣିତ କର। 10

(d) 'ଲକ୍ଷ୍ମୀର ଅଭିସାର' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ମନୋଜ ଦାସଙ୍କ ଗଳ୍ପର ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀକୁ ଆକଳନ କର। 10

(e) ଆତ୍ମନିଷ୍ଠ ପ୍ରାବନ୍ଧିକଭାବେ ଚନ୍ଦ୍ରଶେଖର ରଥଙ୍କ 'ମୁଁ ସତ୍ୟଧର୍ମା କହୁଛି'ର ସାର୍ଥକତା ପ୍ରତିପାଦନ କର। 10

**6.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ଆଧୁନିକ ମଣିଷର ଅସହାୟତା 'କାଠଘୋଡ଼ା' ନାଟକରେ କିପରି ପ୍ରକାଶିତ ହୋଇଛି, ଅନୁଶୀଳନ କର। 20

(b) 'ଡଟନିରଞ୍ଜନା'ରେ ନାଟ୍ୟକାରଙ୍କ ଭାବଚେତନା ଉପରେ ଆଲୋକପାତ କର। 15

(c) ଓଡ଼ିଆ ଉପନ୍ୟାସରେ ସାମାଜିକ ବାସ୍ତବବାଦ (Social realism)ର ଆଦ୍ୟ ପ୍ରବର୍ତ୍ତକ ହେଉଛନ୍ତି ଫକୀରମୋହନ— 'ଛ'ମାଣ ଆଠଗୁଣ୍ଠ' ଅବଲମ୍ବନରେ ପ୍ରମାଣ କର। 15

**7.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ସମସାମୟିକ ଜୀବନାଦର୍ଶ ମଧ୍ୟରେ ଐତିହାସିକ ଘଟଣାକୁ ରୂପାୟିତ କରିବାରେ ନାଟ୍ୟକାର ବିଜୟ ମିଶ୍ରଙ୍କ ସାର୍ଥକତା 'ଡଟନିରଞ୍ଜନା' ନାଟକ ଅବଲମ୍ବନରେ ବିଚାର କର। 20

(b) ଜୀବନ ଜିଜ୍ଞାସାର ଗଭୀରତା ଓ ବିସ୍ତୃତିକୁ ଗୋପୀନାଥ ମହାନ୍ତି 'ଦାନାପାଣି' ଉପନ୍ୟାସରେ କିପରି ରୂପାୟିତ କରିଛନ୍ତି, ଦର୍ଶାଅ। 15

(c) ''ମାନବୀୟ ପ୍ରବୃତ୍ତି ଓ ମାନସିକତାର ସୂକ୍ଷ୍ମ ବିଶ୍ଳେଷଣ ହେତୁ କ୍ଷୁଦ୍ରଗଳ୍ପ ଚିତ୍ତାକର୍ଷକ ସାହିତ୍ୟିକ ରୂପ ଲାଭ କରେ''— 'ମରାଳର ମୃତ୍ୟୁ' ଗ୍ରନ୍ଥର ପଠିତାଂଶ ଅବଲମ୍ବନରେ ପ୍ରତିପାଦନ କର। 15

**8.** ନିମ୍ନପ୍ରଦତ୍ତ ବିଷୟରେ ଆଲୋଚନା କର : 50

(a) ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପରେ ପ୍ରକାଶିତ ବ୍ୟକ୍ତି ଜୀବନର ବିଡ଼ମ୍ବିତ ଚିତ୍ରର ସ୍ୱରୂପ 'ଲକ୍ଷ୍ମୀର ଅଭିସାର' ଅବଲମ୍ବନରେ ସମୀକ୍ଷା କର। 20

(b) ସରଳତା ଓ ବୌଦ୍ଧିକତାର ସମାହାରରେ ଚିତ୍ତରଞ୍ଜନ ଦାସଙ୍କ ପରାକାଷ୍ଠାକୁ 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥର ପଠିତାଂଶ ଆଧାରରେ ପ୍ରତିପାଦନ କର। 15

(c) 'ମୁଁ ସତ୍ୟଧର୍ମା କହୁଛି'ରେ ଚନ୍ଦ୍ରଶେଖର ରଥଙ୍କ ବିଷୟ ଉପସ୍ଥାପନ କୌଶଳ ଓ ଭାଷା ପ୍ରୟୋଗର ଚମତ୍କାର ଭଙ୍ଗୀକୁ ବିବେଚନା କର। 15

* * *